## ।।ପଞ୍ଚଦଶ ଅଧ୍ୟାୟ ।।

### ନାରଦୀୟ କୀର୍ତ୍ତନ ପଦ୍ଧତି, ଚୋଲକରଙ୍କ ବିନା ଚିନି ଚାହା, ଦୁଇ ଝିଟିପିଟିଙ୍କ ମିଳନ କଥା

ପାଠକମାନଙ୍କର ସ୍ମରଣ ଥିବ ଯେ ଶିରିଡ଼ିରେ ରାମନବମୀ ଉତ୍ସବ ପାଳନ କଥା ଷଷ୍ଠ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ଏହା କିପରି ଆରମ୍ଭ ହେଲା ଏବଂ ପ୍ରଥମ ବର୍ଷ ହିଁ ଏହି ଅବସରରେ କୀର୍ତ୍ତନ କରିବା ପାଇଁ ଗୋଟିଏ ଭଲ ହରିଦାସ ଦଳ ମିଳିବାରେ କ'ଣସବୁ ସମସ୍ୟା ଉପୁଜିଲା, ତାହାର ମଧ୍ୟ ବର୍ଣ୍ଣନା କରାଯାଇଛି । ଏହି ଅଧ୍ୟାୟରେ ଦାସଗଣୁ କୀର୍ତ୍ତନ ପଦ୍ଧତିର ବର୍ଣ୍ଣନା କରାଯିବ ।

**ନାରଦୀୟ କୀର୍ତ୍ତନ ପଦ୍ଧତି :** ସାଧାରଣତଃ ହରିଦାସମାନେ କୀର୍ତ୍ତନ କରିବା ସମୟରେ ଏକ ଲମ୍ବା ଅଙ୍ଗରଖା ବା ଶରୀର ଆବୃତ୍ତ କରିବା ଭଳି ପୋଷାକ ପିନ୍ଧିଥାନ୍ତି । ମସ୍ତକରେ ସେମାନେ ପଗଡ଼ି ପିନ୍ଧୁଥିଲେ ଏବଂ ଏକ ଲମ୍ବା କୋଟ୍ ତଥା ଭିତର କାମିଜ ପିନ୍ଧୁଥିଲେ । କାନ୍ଧରେ ଏକ ଉତ୍ତରୀୟ ପକାଉଥିଲେ ଓ ଚିରାଚରିତ ଅଭ୍ୟାସ ସ୍ୱରୂପ ଏକ ଲମ୍ବା ଧୋତି ପିନ୍ଧୁଥିଲେ । ଥରେ ଗ୍ରାମରେ କୀର୍ତ୍ତନ କରିବାକୁ ଯାଉଥିବା ସମୟରେ ଦାସଗଣୁ ମଧ୍ୟ ଉପରୋକ୍ତ ବେଶଭୂଷାରେ ସଜ୍ଜିତ ହୋଇ ବାବାଙ୍କୁ ପ୍ରଣାମ କରିବାକୁ ଗଲେ । ବାବା ତାଙ୍କୁ ଦେଖି କହିଲେ 'ଆଚ୍ଛା ଦୁଲ୍‌ହା ରାଜା(କ'ଣ ଜ୍ୱାଇଁ ପୁଅ) ଏହି ପ୍ରକାର ବେଶଭୂଷା ହୋଇ କୁଆଡ଼େ ଯାଉଛ ?' ଦାସଗଣୁ ଉତ୍ତର ଦେଲେ: କୀର୍ତ୍ତନ ନିମନ୍ତେ । ବାବା ତାଙ୍କୁ ପଚାରିଲେ ଯେ କୋଟ୍, ଉତ୍ତରୀୟ ଏବଂ ପଗଡ଼ିର ଆବଶ୍ୟକତା କ'ଣ ? ଏହାକୁ ଏବେ ମୋ ସମ୍ମୁଖରେ ଓହ୍ଲାଇଦିଅ । ଏହି ଶରୀରରେ ଏସବୁ ଧାରଣ କରିବାର କୌଣସି ଆବଶ୍ୟକତା ନାହିଁ । ଏହାପରେ ଦାସଗଣୁ ଏହି ବସ୍ତ୍ର ଆଉ କେବେ ପରିଧାନ କରିନଥିଲେ । ତାହା ପରଠାରୁ କଟିଦେଶ ଉପରକୁ ଶରୀର ଅନାବୃତ୍ତ ରଖି ଗଳାରେ ଏକ ମାଳ ପକାଇ କରତାଳ ଧରି ସେ କୀର୍ତ୍ତନ କରୁଥିଲେ । ଏହା ଯଦିଓ ହରିଦାସଙ୍କ ପ୍ରଚଳିତ ପଦ୍ଧତି ଅନୁରୂପ ନୁହେଁ, ତଥାପି ଶୁଦ୍ଧ ଏବଂ ପବିତ୍ର ଅଟେ । କୀର୍ତ୍ତନ ପରମ୍ପରାର ଜନକ ନାରଦ ମୁନି କଟିଦେଶ ଉପରକୁ ମସ୍ତକ ପର୍ଯ୍ୟନ୍ତ କୌଣସି ବସ୍ତ୍ର ଧାରଣ କରୁନଥିଲେ । ହାତରେ ଗୋଟିଏ ବୀଣା ଧରି ହରି କୀର୍ତ୍ତନ କରି ସେ ତ୍ରିଲୋକ ଘୂରି ବୁଲୁଥିଲେ ।

### ।।ଚୋଲକରଙ୍କ ବିନା ଚିନି ଚାହା ।।

ବାବାଙ୍କର କୀର୍ତ୍ତି ପୁନା ଏବଂ ଅହମ୍ମଦନଗର ଜିଲାରେ ବ୍ୟାପିସାରିଥିଲା; ନାନାସାହେବ ଚନ୍ଦୋରକରଙ୍କର ପ୍ରଚାର ତଥା ଦାସଗଣୁଙ୍କ ମଧୁର କୀର୍ତ୍ତନ ଦ୍ୱାରା ତାହା

କୋଙ୍କଣ ପର୍ଯ୍ୟନ୍ତ ବ୍ୟାପିଗଲା । ଏହାର ପ୍ରଧାନ ଶ୍ରେୟ ଦାସଗଣୁଙ୍କର । ଭଗବାନ ତାଙ୍କୁ ସର୍ବଦା ସୁଖୀ ରଖନ୍ତୁ । ସେ ତାଙ୍କର ଅନୁପମ ମୌଳିକ କୀର୍ତ୍ତନ ଜରିଆରେ ବାବାଙ୍କୁ ଘରେ ଘରେ ପହଞ୍ଚାଇଲେ । ଶ୍ରୋତାମାନଙ୍କର ରୁଚି ପ୍ରାୟତଃ ଭିନ୍ନ ଭିନ୍ନ ହୋଇଥାଏ । କାହାକୁ ହରିଦାସଙ୍କ ପାଣ୍ଡିତ୍ୟ, କାହାକୁ ଭାବ, କାହାକୁ ଗାୟନ ଶୈଳୀ, କାହାକୁ ଲଘୁ ମନ୍ତବ୍ୟ ତଥା କାହାକୁ ବେଦାନ୍ତ ଚର୍ଚ୍ଚା ଏବଂ ଆଉ କାହାକୁ ତାହାର ପ୍ରଧାନ କଥାମାନ ରୁଚିକର ମନେ ହୋଇଥାଏ; କିନ୍ତୁ ଏପରି କ୍ୱଚିତ ଲୋକ ଥିବେ ଯାହାଙ୍କ ହୃଦୟରେ ସନ୍ତୁଙ୍କ କଥା ବା କୀର୍ତ୍ତନ ଶୁଣି ଶ୍ରଦ୍ଧା ଓ ପ୍ରେମର ଧାରା ପ୍ରବାହିତ ନହୋଇଛି । ଦାସଗଣୁଙ୍କର କୀର୍ତ୍ତନ ଶ୍ରୋତାମାନଙ୍କ ହୃଦୟରେ ସ୍ଥାୟୀ ପ୍ରଭାବ ପକାଉଥିଲା । ଏପରି ଏକ ଘଟଣା ନିମ୍ନରେ ଉଲ୍ଲେଖ କରାଗଲା ।

ଥାନେର ଶ୍ରୀ କୌପୀନେଶ୍ୱର ମନ୍ଦିରରେ ଦାସଗଣୁ ଥରେ ଶ୍ରୀ ସାଇବାବାଙ୍କ ଗୁଣଗାନ କରୁଥିଲେ । ଶ୍ରୋତାମାନଙ୍କ ମଧ୍ୟରେ ଚୋଲକର ନାମକ ଜଣେ ବ୍ୟକ୍ତି, ଯିଏକି ଥାନେର ଦେୱାନୀ ଅଦାଲତରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ, ଉପସ୍ଥିତ ଥିଲେ । ଦାସଗଣୁଙ୍କର କୀର୍ତ୍ତନ ଶୁଣି ସେ ବେଶ୍ ପ୍ରଭାବିତ ହେଲେ ଏବଂ ମନକୁ ମନ ବାବାଙ୍କୁ ପ୍ରଣାମ କରି ପ୍ରାର୍ଥନା କରିବାକୁ ଲାଗିଲେ କି 'ହେ ବାବା ! ମୁଁ ଜଣେ ନିର୍ଦ୍ଧନ ବ୍ୟକ୍ତି ଏବଂ ମୋର ପରିବାରର ଭଲ ରୂପେ ପ୍ରତିପୋଷଣ କରିବାରେ ମଧ୍ୟ ଅସମର୍ଥ ଅଟେ । ଯଦି ମୁଁ ଆପଣଙ୍କ କୃପାରୁ ବିଭାଗୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯାଏ, ଆପଣଙ୍କ ଶ୍ରୀଚରଣରେ ଉପସ୍ଥିତ ହୋଇ ଆପଣଙ୍କ ନିମିତ୍ତ ମିଶ୍ରି ପ୍ରସାଦ ବିତରଣ କରିବି । ଭାଗ୍ୟ ସହାୟକ ହେଲା ଏବଂ ଚୋଲକର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ତାଙ୍କର ଚାକିରି ମଧ୍ୟ ସ୍ଥାୟୀ ହୋଇଗଲା । ଏବେ କେବଳ ପ୍ରତିଜ୍ଞା ବାକି ରହିଲା । 'ଶୁଭସ୍ୟ ଶୀଘ୍ରମ୍ ।' ଶ୍ରୀ ଚୋଲକର ନିର୍ଦ୍ଧନ ତ ଥିଲେ, ତାଙ୍କର ପରିବାର ମଧ୍ୟ ବହୁତ ବଡ଼ ଥିଲା । ତେଣୁ ସେ ଶିରିଡ଼ି ଯାତ୍ରା ନିମନ୍ତେ ବାଟ ଖର୍ଚ୍ଚ ଯୋଗାଡ଼ କରିବାରେ ମଧ୍ୟ ସମର୍ଥ ହୋଇପାରୁନଥିଲେ । ଥାନେ ଜିଲାରେ ଗୋଟିଏ ପ୍ରବାଦ ପ୍ରଚଳିତ ଅଛି ଯେ 'ନାଣେ ଘାଟ ଏବଂ ସହ୍ୟାଦ୍ରି ପର୍ବତ ଶ୍ରେଣୀ ଜଣେ ସହଜରେ ଅତିକ୍ରମ କରିପାରିବ ପଛକେ, ଜଣେ ଗରିବ ବ୍ୟକ୍ତି ଘରୁ ବାହାରକୁ ଗୋଡ଼ କାଢ଼ିବା କଷ୍ଟକର ।'

ଶ୍ରୀ ଚୋଲକର ତାଙ୍କର ପ୍ରତିଜ୍ଞା ଯଥାଶୀଘ୍ର ପୂରଣ କରିବାକୁ ବ୍ୟାକୁଳ ଥିଲେ । ସେ ମିତବ୍ୟୟିତା ଅବଲମ୍ବନ କରି ଖର୍ଚ୍ଚ ସଂକୋଚନ କଲେ ଓ ବିନା ଚିନିଯୁକ୍ତ ଚାହା ପିଇବାରେ ଲାଗିଲେ । କିଛିଦିନ ପରେ କେତେକ ସାମଗ୍ରୀ ଏକାଠି କରି ଶିରିଡ଼ି ବାହାରିଲେ । ଶିରିଡ଼ିରେ ପହଞ୍ଚି ବାବାଙ୍କର ଦର୍ଶନ କରି ତାଙ୍କର ଚରଣରେ ଲୋଟିପଡ଼ିଲେ, ନଡ଼ିଆ ଅର୍ପଣ କଲେ ଏବଂ ପ୍ରତିଜ୍ଞାନୁସାରେ ଶ୍ରଦ୍ଧାର ସହ ମିଶ୍ରି ବିତରଣ କଲେ ।

ବାବାଙ୍କୁ କହିଲେ ଯେ 'ଆପଣଙ୍କ ଦର୍ଶନ ଦ୍ୱାରା ମୋର ହୃଦୟ ଅତ୍ୟନ୍ତ ପ୍ରସନ୍ନତାରେ

ପୂରିଗଲା । ମୋର ସମସ୍ତ କାମନା ଆପଣଙ୍କର କୃପାଦୃଷ୍ଟି ଦ୍ୱାରା ସେହିଦିନ ହିଁ ପୂର୍ଣ୍ଣ ହୋଇଯାଇଥିଲା । ମସଜିଦ୍‌ରେ ଶ୍ରୀ ଚୋଲକରଙ୍କୁ ଆତିଥ୍ୟ ପ୍ରଦାନ କରିଥିବା ବାପୁସାହେବ ଜୋଗ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଯେତେବେଳେ ସେ ଦୁହେଁ ସେଠାରୁ ଯିବାକୁ ଉଦ୍ୟତ ହେଲେ ବାବା ଶ୍ରୀ ଯୋଗଙ୍କୁ ନିମ୍ନପ୍ରକାରେ କହିଲେ ।

'ତୁମର ଅତିଥିଙ୍କୁ ଚାହା ପିଆଲାରେ ଭଲକରି ଚିନି ପକାଇ ଚାହା ଦେବ ।' ଏହି ଅର୍ଥପୂର୍ଣ୍ଣ ବାକ୍ୟ ଶୁଣି ଶ୍ରୀ ଚୋଲକରଙ୍କର ହୃଦୟ ଦ୍ରବୀଭୂତ ହୋଇଗଲା ଏବଂ ତାଙ୍କର ଆଶ୍ଚର୍ଯ୍ୟର ପାରାବାର ରହିଲା ନାହିଁ । ତାଙ୍କର ନେତ୍ରଦ୍ୱୟରୁ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା ଏବଂ ସେ ପ୍ରେମରେ ବିହ୍ୱଳ ହୋଇ ଶ୍ରୀଚରଣରେ ପୁଣି ଥରେ ଲୋଟିପଡ଼ିଲେ । ଶ୍ରୀ ଜୋଗ 'ଅଧିକ ଚିନି ମିଶାଇ ପିଆଲାରେ ଅତିଥିଙ୍କୁ ଚାହା ଦିଅ' ଏହି ବିଚିତ୍ର ନିର୍ଦ୍ଦେଶ ଶୁଣି ବଡ଼ କୌତୂହଳରେ ପଡ଼ିଥିଲେ ଯେ ଏହାର ଅର୍ଥ କ'ଣ ? ଯଦିଓ ବାବା ଚୋଲକରଙ୍କୁ ସଂକେତ ଦେଇଥିଲେ ଯେ ସେ ଚିନି ଛାଡ଼ିବା କଥା ଭଲଭାବେ ଜାଣିଛନ୍ତି ।

ବାବାଙ୍କର ଉକ୍ତି ଥିଲା 'ତୁମେ ଯଦି ଶ୍ରଦ୍ଧାପୂର୍ବକ ମୋ ପ୍ରତି ହାତ ବଢ଼ାଇବ ତାହେଲେ ମୁଁ ସର୍ବଦା ତୁମ ସାଙ୍ଗରେ ରହିବି । ଯଦିଓ ମୁଁ ସ୍ୱଶରୀରରେ ଏଠାରେ ଅଛି; କିନ୍ତୁ ସାତ ସମୁଦ୍ର ସେପାରିରେ ଘଟୁଥିବା ଘଟଣା ସମ୍ପର୍କରେ ମଧ୍ୟ ଅବଗତ ଅଛି । ମୁଁ ତୁମର ହୃଦୟରେ ବିରାଜିତ ଅଛି, ତୁମର ଅନ୍ତରସ୍ଥ ରୂପରେ ବିଦ୍ୟମାନ ରହିଛି । ତୁମର ଏବଂ ସମସ୍ତ ପ୍ରାଣୀଙ୍କ ହୃଦୟରେ ଯିଏ ବାସ କରୁଛି, ତାଙ୍କର ହିଁ ପୂଜା କର । ଯେଉଁମାନେ ମୋର ଏହି ସର୍ବବ୍ୟାପୀ ସ୍ୱରୂପ ସମ୍ପର୍କରେ ପରିଚିତ ଅଛନ୍ତି ବାସ୍ତବିକ ସେମାନେ ସୌଭାଗ୍ୟଶାଳୀ । ବାବା ଶ୍ରୀ ଚୋଲକରଙ୍କୁ କେତେ ଅନୁପମ ତଥା ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କଲେ ।

## ।। ଦୁଇ ଝିଟିପିଟିର ମିଳନ କଥା ।।

ଏବେ ଆମେ ଦୁଇଟି ନିଷ୍ପାପ ଝିଟିପିଟିଙ୍କ କଥା ସହ ଏହି ଅଧ୍ୟାୟ ସମାପ୍ତ କରିବା । ଥରେ ବାବା ମସଜିଦ୍‌ରେ ବସିଥିଲେ । ଏହି ସମୟରେ ଗୋଟିଏ ଝିଟିପିଟି ଟିକ୍‌ଟିକ୍ କରିବାକୁ ଲାଗିଲା ।

କୌତୂହଳବଶତଃ ଜଣେ ଭକ୍ତ ବାବାଙ୍କୁ ପଚାରିଲେ କି ଝିଟିପିଟି ଟିକ୍‌ଟିକ୍ କରିବା ପଶ୍ଚାତରେ କ'ଣ କୌଣସି ବିଶେଷ ଅର୍ଥ ରହିଛି ? ଏହା ଶୁଭ ନା ଅଶୁଭ ? ବାବା କହିଲେ କି 'ଏହି ଝିଟିପିଟିର ଭଉଣୀ ଆଜି ଔରଙ୍ଗାବାଦରୁ ଆସିବାର ଅଛି ? ଏଥିପାଇଁ ସେ ଆନନ୍ଦରେ ଫୁଲିଉଠୁଛି । ସେହି ଭକ୍ତ ବାବାଙ୍କ କଥାର ଅର୍ଥ ବୁଝିପାରିଲା ନାହିଁ । ତେଣୁ ସେ ଚୁପଚାପ ସେଠାରେ ବସିରହିଲା । ଏହି ସମୟରେ ଔରଙ୍ଗାବାଦରୁ ଜଣେ ବ୍ୟକ୍ତି ଘୋଡ଼ାରେ ବସି ବାବାଙ୍କ ଦର୍ଶନ ନିମିତ୍ତ ଆସିଲେ । ସେ ଆଗକୁ ଯିବାକୁ ଚାହୁଁଥିଲେ, କିନ୍ତୁ ଘୋଡ଼ା ଅତ୍ୟଧିକ କ୍ଷୁଧିତ ଥିବା ଯୋଗୁଁ ଆଗକୁ ଗଲା ନାହିଁ । ତେଣୁ ତାର ମାଲିକ

ତାକୁ ଚଣା ଖୁଆଇବା ନିମନ୍ତେ ଏକ ଥାଳି ବାହାର କଲେ ଏବଂ ସେଥିରେ ଧୂଳି ଲାଗିଥିବାରୁ ତାହାକୁ ଝାଡ଼ିଦେଲେ ।

ଏହି ସମୟରେ ଗୋଟିଏ ଛୋଟ ଝିଟିପିଟି ସେଥିରୁ ଡେଇଁ ଡେଇଁ ବାହାରି ଆସିଲା ଏବଂ ସମସ୍ତଙ୍କ ଆଖି ସାମନାରେ କାନ୍ଥ ଉପରକୁ ଚଢ଼ିଗଲା । ବାବା ପ୍ରଶ୍ନ କରିଥିବା ଭକ୍ତକୁ ଧ୍ୟାନ ସହକାରେ ଲକ୍ଷ୍ୟ କରିବାକୁ କହିଲେ । ଝିଟିପିଟିଟି ଗର୍ବର ସହ ନିଜର ଭଉଣୀ ପାଖରେ ପହଞ୍ଚିଗଲା । ଦୁଇ ଭଉଣୀ ବହୁ ସମୟ ପର୍ଯ୍ୟନ୍ତ ପରସ୍ପର ସହିତ ଆଳାପ ଆଲୋଚନା କଲେ ଏବଂ ପରସ୍ପରକୁ ଚୁମ୍ବନ ତଥା ଆଲିଙ୍ଗନ କରି ଚାରିପାଖରେ ଘୁରି ଘୁରି ପ୍ରେମପୂର୍ବକ ନାଚିବାକୁ ଲାଗିଲେ ।

କେଉଁଠି ଶିରିଡ଼ି ଏବଂ କେଉଁଠି ଔରଙ୍ଗାବାଦ ? କେଉଁପରି ଜଣେ ବ୍ୟକ୍ତି ଘୋଡ଼ା ଉପରେ ବସି ଥଳିରେ ଝିଟିପିଟିକୁ ଆଣି ସେଠାରେ ପହଞ୍ଚିଲେ ଏବଂ ବାବାଙ୍କୁ ସେହି ଦୁଇ ଭଉଣୀଙ୍କର ମିଳନର ବିବରଣୀ କିପରି ଜଣା ଥିଲା-ଏହି ସବୁ ଘଟଣା ନିଶ୍ଚୟ ଆଶ୍ଚର୍ଯ୍ୟଜନକ ଏବଂ ବାବାଙ୍କ ସର୍ବବ୍ୟାପକତାର ପରିଚାୟକ ।

**ଶିକ୍ଷା :** ଯିଏ କେହି ଏହି ଅଧ୍ୟାୟ ଧ୍ୟାନ ସହକାରେ ପଠନ ଏବଂ ମନନ କରିବେ, ସାଇକୃପାରୁ ତାଙ୍କର ସମସ୍ତ କଷ୍ଟ ଦୂର ହେବ ଏବଂ ସେ ପୂର୍ଣ୍ଣ ସୁଖୀ ହୋଇ ଶାନ୍ତିଲାଭ କରିବେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



**ବାବାଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀ ଏବେ ସଂସ୍ଥାନ ମିଉଜିୟମରେ ରହିଛି ।**